# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୪.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ରାଜକିଶୋର ଦାସ,
୨. ଶ୍ରୀ ଶିବ ପ୍ରସାଦ ବେହେରା,
୩. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୪. ଶ୍ରୀମତୀ ଯଶୋଧାରା ପ୍ରଧାନ,
୫. ଅସିୟା ବେଗମ୍

ଅଦ୍ୟ ତା ୨୧.୦୪.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ଅନୁପସ୍ଥିତ ଥିବାରୁ ସଭ୍ୟା ଅସିୟା ବେଗମ୍ଙ୍କ ପ୍ରସ୍ତାବ ତଥା ଶ୍ରୀ ଶିବ ପ୍ରସାଦ ବେହେରାଙ୍କ ସମର୍ଥନ କ୍ରମେ ଶ୍ରୀ ରାଜକିଶୋର ଦାସ ଆଜିର ବୈଠକରେ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ହେଉଥିବା ସର୍ଭେ ବାର୍‌ବୋର୍ଡ଼ରେ ଘର ମାଲିକ, ପୁରୁଷ, ମହିଳା ଏସ୍ ଇ.ବି.ସି ତୃତୀୟ ଲିଙ୍ଗ ଇତ୍ୟାଦି ତଥ୍ୟ ରହିଅଛି, ଯେହେତୁ ସେହି ବାର୍‌ବୋର୍ଡ଼ରେ ଘର ମାଲିକ ମାନଙ୍କର ନାମ ରହିଅଛି ସେହି ତଥ୍ୟକୁ ଭିତିକରି ଘରର ଗୃହ ଟିକସ ଯଥା:-ସାଧାରଣ ଗୃହ ଟିକସ ଓ ବ୍ୟବସାୟିକ ଗୃହ ଟିକସ ହିସାବରେ ଟିକସ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଗାଈ, ଷଣ୍ଢଙ୍କୁ ନେଇ ଜାମୁକୋଲି ସ୍ଥିତ ଗୋଶାଳାରେ ରଖାଯାଉଅଛି । ସେଥିପାଇଁ ଭୁବନେଶ୍ୱର ମହାନଗର ନିଗମରୁ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଅଛି, ତେଣୁ ଯେଉଁ ମାଲିକ ମାନେ ସେମାନଙ୍କର ଗାଈ ନେବାପାଇଁ ଚାହିଁବେ ସେମାନଙ୍କ ଠାରୁ ଗାଈ ଯେତେଦିନ ରଖାଯାଇଅଛି ଏଥିପାଇଁ ହୋଇଥିବା ଖର୍ଚ୍ଚ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ଅର୍ଥ ରାଶି ରଖାଯାଇ ଏବଂ ଗାଈ ଆଉ ରାସ୍ତାକୁ ନଛାଡ଼ିବା ପାଇଁ ଲିଖିତ ପ୍ରତିଶୃତି ରଖାଯାଇ ସେମାନଙ୍କ ଗାଈ ଫେରାଇବା, ସେଠାରୁ ବାହାରୁଥିବା ଖତ, କ୍ଷୀର ଦେଉଥିବା ଗାଈଙ୍କ ଠାରୁ କ୍ଷୀର ଦୁହିଁ ତାହାକୁ ବିକ୍ରୀ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). "ସଫା" ଆପ୍‌ରେ ଯେଉଁ ଅର୍ଥ ଆଦାୟ ହେଉଅଛି ତାହା କେଉଁ ହେଡ୍‌ରେ ନିଗମରେ ଜମା ହେଉଅଛି ପ୍ରତି ମାସରେ ଉପସ୍ଥାପିତ ହେଉଥିବା ଆୟବ୍ୟୟ ତଥ୍ୟରେ ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ହେଉଥିବା DDN ସର୍ଭେରୁ ଜଣାଯାଏ ଯେ, ପ୍ରାୟ ଏକ ଲକ୍ଷ କୋଡ଼ିଏ ହଜାର ଘର ରହିଅଛି । କର୍ମଚାରୀ ଅଭାବରୁ ସେଥି ମଧ୍ୟରୁ ୬୦ ହଜାର ଗୃହରୁ ଗୃହ ଟିକସ ଆଦାୟ ହୋଇଅଛି ଏବଂ ଟ୍ରେଡ୍ ଲାଇସେନ୍ସ ଖୁବ୍ କମ୍ ଆଦାୟ ହୋଇଅଛି, ଗୃହ ଟିକସ ସଂଗ୍ରହ କରିବା, ଆସେସ୍‌ମେଂଟ କରିବା, ରି ଆସେସ୍‌ମେଂଟ କରିବା, ଟ୍ରେଡ୍ ଲାଇସେନ୍ସ ଇତ୍ୟାଦି ଆଦାୟ କରିବା ପାଇଁ କର୍ମଚାରୀ ଯୋଗାଇଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ ଗ୍ରୀନ୍ ଗାରବେଜ୍ ଉଠାଇବା ପାଇଁ ଜନସାଧାରଣଙ୍କ ଠାରୁ ଅର୍ଥ ଆଦାୟ କରୁଥିବାରୁ ଜନସାଧାରଣ ଆଉ ଗଛ ଲଗାଇବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି, ଗ୍ରୀନ୍ ଗାରବେଜ୍ ଉଠାଇବା ପାଇଁ ଜନସାଧାରଣଙ୍କ ଠାରୁ ଆଦାୟ ହେଉଥିବା ଟିକସ ଦେବାକୁ ମଧ୍ୟ ଜନସାଧାରଣ ରାଜି ହେଉନାହାଁନ୍ତି, ତେଣୁ ଉକ୍ତ ଅର୍ଥ କମାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୨୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୨୧.୦୪.୨୦୨୩ ରିଖ